## ଜଳିଗଲା ଗୁହାଳ, ଗାଈ ଜୀବନ୍ତଦଗ୍ଧ

ବାଲିଅନ୍ତା,(ଡି.ଏନ୍.ଏ.) ବାଲିଅନ୍ତା ବ୍ଲକ କାକରୁଦ୍ରପୁର ପଞ୍ଚାୟତ ଅଧୀନ ଖମଙ୍ଗଶାସନ ଗ୍ରାମରେ ରବିବାର ରାତିରେ ଅଗ୍ନିକାଣ୍ଡରେ ଦେବେନ୍ଦ୍ର ସ୍ୱାଇଁଙ୍କ ଏକ ବଖରା ଗୁହାଳ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ଗୁହାଳରେ ଥିବା ଗୋଟିଏ ଗାଈ ଜୀବନ୍ତଦଗ୍ଧ ହୋଇଯାଇଛି। ଆଉ ୨ଟି ଗାଈ ଆଂଶିକ ପୋଡ଼ିଯାଇଛନ୍ତି। ଖବରପାଇ ବାଲିପାଟଣା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ।

### ସଂକ୍ଷେପରେ

## ପୂର୍ବ ଶତ୍ରୁତାକୁ ନେଇ ଛୁରାମାଡ଼, ୪ ଆହତ

ବ୍ରହ୍ମଗିରି,୯।୧୧(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ରେବଣା ନୂଆଗାଁ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ରବିବାର ରାତିରେ ୨ ପରିବାର ମଧ୍ୟରେ ସଂଘର୍ଷ ଘଟି ଛୁରାମାଡ଼ ହୋଇଛି। ଏଥିରେ ଉଭୟ ପରିବାରର ୪ଜଣ ଆହତ ହୋଇଛନ୍ତି। ଏ ନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବା ବେଳେ ପୋଲିସ ୨ଜଣଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଦୈତାରୀ ଷଣ୍ଢ ଓ କୃଷ୍ଣ ଦାସଙ୍କ ପରିବାର ମଧ୍ୟରେ ଜାଗାବାଡ଼ିକୁ କେନ୍ଦ୍ର କରି ପୂର୍ବରୁ ବିବାଦ ଲାଗିରହିଥିଲା। ରବିବାର ରାତିରେ କୌଣସି କାରଣକୁ ନେଇ ଏମାନଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ସୁକାନ୍ତି ଷଣ୍ଢ, କବିତା ପ୍ରଧାନ, ମନୋଜ ସାହୁ ଓ ସଞ୍ଜୟ ଷଣ୍ଡ ଆହତ ହୋଇଥିଲେ। ଆହତଙ୍କୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## କ୍ଷୋଭ ଜଣାଇଲେ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ

ପୁରୀ ଅଫିସ, ୯।୧୧:ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍ଆଇକୁ ଦିଆଯାଇଛି। କିଛିଦିନ ତଳେ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡ. ଅରୁଣ କୁମାର ମଲ୍ଲିକ ଏବଂ ତାଙ୍କ ସହିତ ଆଉ କେତେଜଣ ମନ୍ଦିରକୁ ଯାଞ୍ଚ ପାଇଁ ଯାଉଥିଲେ। ମାତ୍ର ସିଂହଦ୍ୱାରରେ ତାଙ୍କୁ ପୋଲିସ ଅଟକାଇ ଥିଲେ। ଡ. ମଲ୍ଲିକ ନିଜକୁ ଏଏସ୍ଆଇ ଅଧିକାରୀ ବୋଲି କହିବା ସହ ପରିଚୟପତ୍ର ଦେଖାଇଥିଲେ ବି ତାଙ୍କୁ ପୋଲିସ ଛାଡ଼ି ନ ଥିଲା। ବିଭାଗୀୟ ଅଧିକାରୀଙ୍କ ସହ ମୋବାଇଲରେ କଥା ହୋଇ ମଲ୍ଲିକ ପରିଚୟପତ୍ର ପଢି ଶୁଣାଇବା ପରେ ତାଙ୍କୁ ଭିତରକୁ ଯିବାକୁ ଅନୁମତି ମିଳିଥିଲା। ଏହାକୁ ନେଇ ଡ. ମଲ୍ଲିକ ସୋମବାର ରୁପା ଛାଉଣି ସଂକ୍ରାନ୍ତ ବୈଠକରେ ନିଜର କ୍ଷୋଭ ପ୍ରକାଶ କରିଥିଲେ। ତାଙ୍କୁ ଯେଉଁଭଳି ଭାବେ ଅଟକାଗଲା ତାହା ଠିକ୍ ନୁହେଁ ବୋଲି କହିଥିଲେ। ଏଏସ୍ଆଇ ବିନା ଅନୁମତିରେ ଶ୍ରୀମନ୍ଦିରରେ କୌଣସି କାମ ହୋଇପାରିବ ନାହିଁ ବୋଲି କହିଥିଲେ। ତେବେ ତାଙ୍କୁ ବୁଝାଶୁଝା କରାଯିବା ପରେ ସେ ଶାନ୍ତ ପଡ଼ିଥିଲେ।

## ସେସୁ ମିଟର ରିଡିଂ କର୍ମଚାରୀଙ୍କ ଧାରଣା

ପୁରୀ ଅଫିସ, ୯।୧୧: ସେସୁ ମିଟର ରିଡିଂ ଓ ବିଲ୍ କଲେକ୍ସନ କର୍ମଚାରୀ ସଂଘ ପକ୍ଷରୁ ୩ ଦଫା ଦାବି ନେଇ ସୋମବାର ପୁରୀ ମୁଖ୍ୟ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯାଇଥିଲା। ଧାରଣାକାରୀଙ୍କ ସହ ନିର୍ବାହୀ ଯନ୍ତ୍ରୀ ଶିବପ୍ରସାଦ ସ୍ୱାଇଁ ଆଲୋଚନା କରିଥିଲେ। ନଭେମ୍ବରରୁ ସମସ୍ତଙ୍କୁ ସର୍ବନିମ୍ନ ମଜୁରି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି। ଅନ୍ୟ ପ୍ରସଙ୍ଗରେ ୧୫ ଦିନ ପରେ ପୁଣି ଆଲୋଚନା ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଧାରଣାରେ ସଂଘ ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ, ଏସ୍.କେ. ଆଜାଦ୍, ବିନାୟକ ଦାଶ, ସୂର୍ଯ୍ୟ ଦାଶ ପ୍ରମୁଖ ସାମିଲ ଥିଲେ।

## ନିର୍ମାଣ ହୋଇପାରୁନି ୮ ଶହ ଆବାସ ଗୃହ

ଗୋପ, ୯।୧୧(ଡି.ଏନ୍.ଏ) ପୁରୀ ଜିଲା ଗୋପ ବ୍ଲକରେ ଆବାସ ଯୋଜନାରେ ପ୍ରାୟ ୮ଶହ ଗୃହ ନିର୍ମାଣ ହୋଇପାରୁ ନାହିଁ। ଅନ୍ୟପଟେ ପୁରୁଣା ଗୃହକୁ ଦେଖାଇ ବିଲ୍ କରାଯିବାକୁ ମସୁଧା ଚାଲିଛି। ଗତ ଫନୀ ବାତ୍ୟା ପରେ ଅନେକ ଲୋକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ତେବେ ଏପର୍ଯ୍ୟନ୍ତ ସମସ୍ତ କ୍ଷତିଗ୍ରସ୍ତ ଲୋକେ ଆବାସ ଯୋଜନାରେ ଘର ପାଇପାରିନାହାନ୍ତି। ୨୦୧୫-୧୬, ୨୦୧୬-୧୭ ଏବଂ ୨୦୧୭-୧୮ ଆର୍ଥିକ ବର୍ଷରେ ଏହି ବ୍ଲକକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଞ୍ଜୁର ହୋଇଥିବା ଗୃହ ମଧ୍ୟରୁ ପ୍ରାୟ ୮ଶହ ନିର୍ମାଣ କରାଯାଇନାହିଁ। ଅନେକ ଗୃହ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଗ୍ରାମ ପଞ୍ଚାୟତ ଅଧିକାରୀମାନେ ପୁରୁଣା ଗୃହର ଫଟୋ ଅପଲୋଡ଼ କରି ବିଲ୍ କରୁଥିବା ଅଭିଯୋଗ ହେଉଛି। ମାତ୍ର ଏ ଦିଗରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ପଲିଥିନ୍ ତଳେ ଜୀବନ ବିତାଉଥିବା ପରିବାର ଦୁଃଖକଷ୍ଟ ଭୋଗୁଛନ୍ତି। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ କହିଛନ୍ତି ଯେ, ଖୁବଶୀଘ୍ର ଗୃହ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ।

# ସାଢେ ୩ କୋଟିର ପ୍ରକଳ୍ପ ଦିଶାହୀନ

### ଅର୍ବାନ ହାଟ ଫାଟକରେ ତାଲା

ପୁରୀ ଅଫିସ, ୯।୧୧



ଓଡ଼ିଶା ହସ୍ତଶିଳ୍ପୀ ଓ ହସ୍ତକଳାର ବିକାଶ ହେବ। ହସ୍ତଶିଳ୍ପୀଙ୍କ ଆର୍ଥିକ ମାନଦଣ୍ଡରେ ସୁଧାର ଆସିବ। ଦେଶ ବିଦେଶରେ ଓଡ଼ିଆ କାରିଗରଙ୍କ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ସାମଗ୍ରୀ ସହଜରେ ପହଞ୍ଚି ପାରିବ। ପୁରୀକୁ ବି ପର୍ଯ୍ୟଟକଙ୍କ ଆଗମନ ବଢିବ। ଯାତ୍ରୀ, ପର୍ଯ୍ୟଟକଙ୍କ ସଂଖ୍ୟା ବଢିଲେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଅନେକ ଲୋକ ଉପକୃତ ହୋଇପାରିବେ। ଏମିତି ମହତ ଉଦ୍ଦେଶ୍ୟ ନେଇ ପୁରୀରେ ଅର୍ବାନ ହାଟର ପରିକଳ୍ପନା କରାଯାଇଥିଲା। ଅର୍ବାନ ହାଟ ହେଲା ସିନା ହେଲେ ପରିକଳ୍ପନା ସଫଳ ହେଲା ନାହିଁ। ଉଦ୍‌ଘାଟନର କିଛିମାସ ପରେ ଧୀରେ ଧୀରେ ଫିକା ପଡିବାକୁ ଲାଗିଲା ଏହାର ଚମକ। ଶେଷରେ ସ୍ଥିତି ଏମିତି ହେଲା ଯେ, ଅର୍ବାନ ହାଟ ଫାଟକରେ ଏବେ ତାଲା ପଡ଼ିଛି। ସାଢେ ୩ କୋଟି ଟଙ୍କାର ଏହି ପ୍ରକଳ୍ପର ଭାଗ୍ୟ ଏବେ ଦିଶାହୀନ ହୋଇପଡ଼ିଛି।

ପୁରୀ ଜିଲା ମତ୍ସ୍ୟ ସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ନୀଳାଚଳ ଅର୍ବାନ ହାଟ ତିଆରି କରାଯାଇଥିଲା। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଏହା ପରିସରରେ ମୁକ୍ତାକାଶ ମଞ୍ଚ ଓ ମ୍ୟୁଜିକାଲ ଫାଉଣ୍ଟେନ (ବାଦ୍ୟ ନିର୍ଝରିଣୀ) ନିର୍ମିତ ହୋଇଛି। ଏହି ପ୍ରକଳ୍ପକୁ ୨୦୦୯ ଡିସେମ୍ବର ୯ରେ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ହାଟ ପରିସର ବୁଲି ଓଡ଼ିଶା ହସ୍ତଶିଳ୍ପ ଓ ହସ୍ତକଳାର ପ୍ରଶଂସା କରିଥିଲେ। ହେଲେ ଏହି ପ୍ରକଳ୍ପ ଏବେ ଅଲୋଡ଼ା ହୋଇପଡ଼ିଛି। ନା ଏଠି ଓଡ଼ିଶା ହସ୍ତକଳା, ହସ୍ତଶିଳ୍ପ ସାମଗ୍ରୀ ବିକ୍ରି ହେଉଛି ନା ବାଦ୍ୟର ତାଳେ ତାଳେ ଜଳଫୁଆରା ନୃତ୍ୟର ମଜା ଉଠାଉଛନ୍ତି ପର୍ଯ୍ୟଟକ। ପାଚେରି ଓ ଦୋକାନ ଘର କବାଟ ଭାଙ୍ଗିଗଲାଣି। ମ୍ୟୁଜିକାଲ ଫାଉଣ୍ଟେନ ଅଚଳ ହୋଇପଡ଼ିଛି। ମୁକ୍ତାକାଶ ମଞ୍ଚ ବି ଖାଁ ଖାଁ। ହାଟର କାନ୍ଥ ଓ ପାଚେରିରେ ଅଙ୍କାଯାଇଥିବା ଓଡ଼ିଶାର ପାରମ୍ପରିକ ଚିତ୍ରକଳାରୁ ରଙ୍ଗ ଉଡ଼ିଗଲାଣି। ୨ ମାସରୁ ଊର୍ଦ୍ଧ୍ୱ ହେଲା ହାଟ ଫାଟକରେ ତାଲା ଝୁଲୁଛି।

ଅର୍ବାନ ହାଟ ପରିସରରେ ୩୬ଟି ଦୋକାନ ଘର କରାଯାଇଥିଲା। ଆଲୋକମାଳାରେ ଝଲସୁଥିଲା ପାରମ୍ପରିକ ହସ୍ତଶିଳ୍ପ ଓ ହସ୍ତକଳା ସାମଗ୍ରୀ। କିନ୍ତୁ ଉଦ୍‌ଘାଟନର କିଛିମାସ ପରେ ବିକ୍ରି ହେଲା ନାହିଁ। ଏଠାକୁ ପର୍ଯ୍ୟଟକ ବି ଆସିଲେ ନାହିଁ। ପ୍ରଶାସନ ପକ୍ଷରୁ ମଧ୍ୟ ଏଥିଲାଗି କୌଣସି ଉଦ୍ୟମ ହେଲା ନାହିଁ। ଫଳରେ ବ୍ୟବସାୟୀମାନେ ଏଠାରୁ ମୁହଁ ଫେରାଇଲେ। ଶେଷକୁ ମୂକସାକ୍ଷୀ ଭାବେ ଠିଆ ହୋଇଥିବା ସମ୍ବଲପୁରୀ ବସ୍ତ୍ରାଳୟ ବନ୍ଦ ହୋଇଯାଇଛି। ଅନ୍ୟପକ୍ଷରେ ସ୍ୱତନ୍ତ୍ର ମରାମତି ପାଇଁ ସେପ୍ଟେମ୍ବର ୧ରୁ ଅର୍ବାନ ହାଟ ସାମୟିକ ଭାବେ ବନ୍ଦ ରହିବ ବୋଲି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଫାଟକରେ ବ୍ୟାନର ଝୁଲାଇ ଦିଆଯାଇଛି। ବାସ୍ତବରେ ମରାମତି ପାଇଁ ନା ଏହି ବୃହତ୍ ପ୍ରକଳ୍ପ ବନ୍ଦ ହୋଇଯିବାରୁ ବ୍ୟାନର ଲଗାଯାଇଛି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ବରୁ ଇଡ୍‌କୋ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିଲା। ଟଙ୍କାଟିଏ ବି ରାଜସ୍ୱ ଆଦାୟ ହେଉ ନ ଥିବାବେଳେ ପ୍ରତି ମାସରେ ମେଣ୍ଟେନାନ୍ସ ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲା। ତେବେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ଏହାକୁ ନିଜ ହେପାଜତକୁ ନେଇଥିବାବେଳେ ଖୁବ୍‌ଶୀଘ୍ର ମରାମତି କରାଯାଇ ପୁନରୁଦ୍ଧାର କରାଯିବ ବୋଲି ଶୁଣିବାକୁ ମିଳୁଛି। ଏ ନେଇ ହସ୍ତଶିଳ୍ପ ବିଭାଗର ନିର୍ଦ୍ଦେଶକ ବସନ୍ତ କୁମାର ଦାସଙ୍କୁ ପଚାରିବାରେ କହିଛନ୍ତି ଯେ, ବର୍ତ୍ତମାନ ଅର୍ବାନ ହାଟର ବିକାଶମୂଳକ କାର୍ଯ୍ୟ ଚାଲିଛି। ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେଭଲପ୍‌ମେଣ୍ଟ ଅଫ୍ ଆର୍ଟସ୍ ଆଣ୍ଡ କ୍ରାଫ୍ଟସ୍ (ସିଡାକ୍) ଏହାର ବିକାଶମୂଳକ କାମ କରୁଛି। ବିଭାଗୀୟ ସଚିବଙ୍କ ତଦାରଖରେ ସମସ୍ତ କାର୍ଯ୍ୟ ହେଉଛି।

## ୩୦ ଲକ୍ଷର ବ୍ରାଉନସୁଗାର ଜବତ, ୬ ଗିରଫ

କାକଟପୁର,୯।୧୧(ଡି.ଏନ୍.ଏ.): କାକଟପୁର ପୋଲିସ ନିଶା କାରବାରକୁ ରୋକ ଲଗାଇବା ଦିଗରେ ସଫଳତା ହାସଲ କରିବା ଜାରି ରଖିଛି। ରବିବାର ସୋମାନାଥପୁର ଛକରୁ ୬ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୯୮ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୩୦ଲକ୍ଷଟଙ୍କା ହେବ। ସେମାନେ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ମୀର ରାହତ ଅଲ୍ଲୀ, ମର ରୋଶନ ଅଲ୍ଲୀ, ପୁରୀ ବାସେଳି ସାହି ଅଞ୍ଚଳର କାଲୁ ଓରଫ ଅକ୍ଷୟ ଭୋଇ, ସି ବିଚ୍ ଅଞ୍ଚଳର ଜ୍ୟୋତିରଞ୍ଜନ ମହାନ୍ତି, କାକଟପୁର ଅଞ୍ଚଳର ଦେବ ଓରଫ ବାସୁଦେବ ଭୋଇ ଓ ମଙ୍ଗୁ ଓରଫ ରାଜକିଶୋର ସ୍ୱାଇଁ। ସେମାନଙ୍କଠାରୁ ୩ଟି ବାଇକ୍ ଓ ୩ଟି ମୋବାଇଲ ଜବତ କରିଛି। ଏ ନେଇ ପୋଲିସ ନଂ. ୨୧୫/୨୦ରେ ଏକ ମାମଲା ରୁଜୁ କରିଥିବା କାକଟପୁର ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି। ସୋମବାର ସେମାନଙ୍କୁ ବାଙ୍ଗୁରୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ପରୀକ୍ଷା କରିବା ପରେ କୋର୍ଟଚାଲାଣ କରାଯାଇଛି। ତେବେ ରବିବାର ସୋମନାଥପୁର ଗ୍ରାମରେ ବ୍ରାଉନସୁଗାର କାରବାର ହେଉଥିବା ନେଇ ବିଶେଷ ସୂତ୍ରରୁ ପୋଲିସ ଖବରପାଇ ଚଢ଼ାଉ କରି ୬ଜଣଙ୍କୁ ଧରିଥିଲା।

## ୯୨ହଜାର ଔଷଧୀୟ ମଶାରି ବଣ୍ଟାଯିବ



ବୈଠକରେ ଜିଲାପାଳ ସନତ ମହାନ୍ତି ଓ ଅନ୍ୟମାନେ ।

### ଖୋର୍ଦ୍ଧା ଗ୍ରାମାଞ୍ଚଳ

ଖୋର୍ଦ୍ଧା ଅଫିସ,୯।୧୧: ଖୋର୍ଦ୍ଧା ଜିଲାରେ ମ୍ୟାଲେରିଆ ନିରାକରଣ ଲାଗି ଜିଲା ଟେକ୍ନିକାଲ ଟାସ୍କଫୋର୍ସ ଓ ଷ୍ଟିଅରିଂ କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଜିଲାପାଳ ସନତ୍ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଜିଲାରେ ମ୍ୟାଲେରିଆ ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ନିରାକରଣ ଏବଂ ଲୋକଙ୍କୁ ସଚେତନ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ପତିଙ୍କ ସୂଚନା ଅନୁଯାୟୀ ଜିଲାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ୨୦୧୯ ସେପ୍ଟେମ୍ବର ସୁଦ୍ଧା ୧୦୫ଜଣ ରହିଥିବା ବେଳେ ୨୦୨୦ ବର୍ତ୍ତମାନ ସୁଦ୍ଧା ୬୧ଜଣ ରହିଛନ୍ତି। ବାଣପୁର ବ୍ଲକରେ ସ୍ଥିତି ଗମ୍ଭୀର ରହିଛି। ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ମ୍ୟାଲେରିଆ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିହ୍ନଟ ଓ ପରୀକ୍ଷା କରାଯାଇ ମାଗଣା ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଉଛି। ଗ୍ରାମାଞ୍ଚଳସ୍ତରରେ ଆଶା, ଅଙ୍ଗନୱାଡି ଏବଂ ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ଚଳିତବର୍ଷ ୯୨ହଜାର ମଶାରି ବଣ୍ଟନ କରାଯିବାର ଯୋଜନା ରହିଛି। ମଶାରି ବଣ୍ଟନ ନେଇ ବ୍ଲକସ୍ତରରେ ବିଡିଓଙ୍କ ଅଧ୍ୟକ୍ଷତାରେ ଏକ ଷ୍ଟିଅରିଂ କମିଟି ଗଠନ କରାଯାଇ ବଣ୍ଟନ କରାଯିବ। ଜିଲାରେ ଆବାସିକ ବିଦ୍ୟାଳୟ, ଶିଶୁ ଯତ୍ନ ଅନୁଷ୍ଠାନ, ଜରାଶ୍ରମ ଅନୁଷ୍ଠାନରେ ଔଷଧୀୟ ମଶାରି ପ୍ରଦାନ କରାଯାଇଛି। ମ୍ୟାଲେରିଆରୁ ରକ୍ଷା ପାଇବା ଲାଗି ପରିବେଶ ସ୍ୱଚ୍ଛତା ଓ ମଶାରି ବ୍ୟବହାର ଉପରେ ଲୋକଙ୍କୁ ସଚେତନ କରାଯିବ ବୋଲି ସିଡିଏମଓ ପତି କହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀ, ଡିଆରଡିଏ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଦ୍ୱାରିକା ମୋହନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଶାଳା ନାଁରେ ଗୋଚରଜମି ହଡ଼ପ

ପିପିଲି, ୯।୧୧(ସ୍ୱ.ପ୍ର.):



ଦଳିତ ଆଦିବାସୀ ମାଇନରିଟି ମହାସଂଘ ପକ୍ଷରୁ ତହସିଲଦାରଙ୍କୁ ସ୍ମାରକପତ୍ର ଦିଆଯାଉଛି ।

ପିପିଲି ତରାକାଜ ଓଭରବ୍ରିଜ୍ ନିକଟରେ ଥିବା ସରକାରର ଏକର ଏକର ଗୋଚରଜମିକୁ ଜମି ମାଫିଆମାନେ ହାତେଇବାକୁ ମସୁଧା ଚଲାଇଛନ୍ତି। ଏପରିକି ସେଠାରେ ଏକ ଗୋଶାଳା କରିବା ନାଁରେ ଜମି ହଡ଼ପ କରାଯାଉଥିବା ବାରମ୍ବାର ଅଭିଯୋଗ ହୋଇଛି। ହେଲେ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସୋମବାର ପିପିଲି ତହସିଲଦାର କାର୍ଯ୍ୟାଳୟ ଆଗରେ ଜାତୀୟ ଦଳିତ ଆଦିବାସୀ ମାଇନରିଟି ମହାସଂଘ ପକ୍ଷରୁ ଧାରଣା ଦିଆଯାଇଛି। ଖବରପାଇ ତହସିଲଦାର ସପନ କୁମାର ନନ୍ଦ ଧାରଣାସ୍ଥଳକୁ ଆସି ମହାସଂଘର ସ୍ମାରକପତ୍ର ନେବା ସହ ଏନେଇ ଓପିଏଲଇ ଆକ୍ଟ ଅନୁସାରେ ପଦକ୍ଷେପ ନେଉଥିବା କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ତରାକାଜ ଓଭରବ୍ରିଜ୍ ନିକଟ ଜଗନ୍ନାଥପୁର ମୌଜାର ସରକାରୀ ରକ୍ଷିତ ଜମି ପ୍ଲଟ ନଂ. ୧୯୨୦ରେ ୩ ଏକର ଯୋର କିସମର ଜମି ରହିଛି। ସେହିପରି ପ୍ଲଟ ନଂ. ୧୯୨୧ରେ ୨୫ ଡିସିମିଲ ନାଳ, ପ୍ଲଟ ନଂ. ୧୯୨୨ରେ ୨୦ ଡିସିମିଲ ଯୋର, ପ୍ଲଟ ନଂ.୧୯୨୪ରେ ୫ ଏକର ଗୋଚରଜମି ରହିଛି। ଏହା ଭିତରେ କେବଳ ପ୍ଲଟ ନଂ. ୧୯୨୩ରେ ୨ ଡିସିମିଲ ସ୍ଥିତିବାନ ଜମି ରହିଛି ଯେଉଁଠି ୨ଟି ଗୃହ ନିର୍ମାଣ ହୋଇଛି। କିନ୍ତୁ ଘରର ପାଚେରି ଓ ଫାଟକକୁ ଗୋଚର ଜମିରେ ନିର୍ମାଣ କରାଯାଇଛି। ଏହାବାଦ ସେଠାରେ ଆଉ କିଛି ଜମିରେ ନିର୍ମାଣ କାର୍ଯ୍ୟ ଚାଲୁଛି। ଏହା ବେଆଇନ ହେବା ସତ୍ତ୍ୱେ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ପ୍ରଭାବଶାଳୀ ବ୍ୟକ୍ତିମାନେ ଗୋଶାଳା କରିବା ନାଁରେ ମଧ୍ୟ ଜମି ହଡ଼ପ କରୁଛନ୍ତି। ଏହାକୁ ବିରୋଧ କରି ଦଳିତ ମହାସଂଘର ରାଜ୍ୟ ସମ୍ପାଦକ ବିଜୟ ସେଠୀଙ୍କ ନେତୃତ୍ୱରେ ସମ୍ପୃକ୍ତ ସ୍ଥାନରେ ନୀଳ ପତାକା ପୋତି ତାହାକୁ ଭୂମିହୀନ ଲୋକଙ୍କୁ ଦେବାକୁ ଦାବି କରିଥିଲେ। ପରେ ଶତାଧିକ ପୁରୁଷ ଓ ମହିଳା ତହସିଲ କାର୍ଯ୍ୟାଳୟ ଯାଏ ଶୋଭାଯାତ୍ରାରେ ଯାଇ ସେଠାରେ ବିକ୍ଷୋଭ କରିଥିଲେ। ଏ ନେଇ ତହସିଲଦାରଙ୍କ ନେତୃତ୍ୱରେ ଏକ କମିଟି କରି ଏନ୍ଏସି ଓ ତହସିଲ ମିଳିତ ଭାବେ ଜବରଦଖଲକାରୀଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ସରକାରୀ ସମ୍ପତ୍ତିକୁ ଅଣାଯାଉଛି।

## ଜାଲିଆତି କରି ଜମି ବିକ୍ରି ଉଦ୍ୟମ, ୪ ଅଟକ

ଜଟଣୀ,୯।୧୧(ଡି.ଏନ୍.ଏ.) ରେକର୍ଡ ଜାଲିଆତି କରି ଜମି ବିକ୍ରି ଉଦ୍ୟମ କରୁଥିବା ବେଳେ ସୋମବାର ଜଟଣୀ ପୋଲିସ ୪ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଜଟଣୀ ତହସିଲ ଅଧୀନ ବଳଭଦ୍ରପୁର ମୌଜାରେ ବାଲିଅନ୍ତା ହୀରାପୁର ଅଞ୍ଚଳର ଲିଙ୍ଗରାଜ ପୃଷ୍ଟିଙ୍କ ୪ଏକରରୁ ଅଧିକ ଜମି ରହିଛି । ସେଥିରୁ ୧ଏକର ୨୩ ଡିସିମିଲ ଜମିକୁ ସୋମବାର ଜଟଣୀ ସବ୍‌ରେଜିଷ୍ଟ୍ରାରଙ୍କ ଅଫିସରେ ଜାଲିଆତି କରି ବିକ୍ରୟ ଉଦ୍ୟମ କରାଯାଉଥିବା ବେଳେ ଏହା ଧରାପଡ଼ିଥିଲା। ଜମି ମାଲିକ ଲିଙ୍ଗରାଜ ପୃଷ୍ଟିଙ୍କ ଅନୁପସ୍ଥିତିରେ ତାଙ୍କର ଆଧାରକାର୍ଡ, ଫଟୋ ଓ ବିକ୍ରୟ ପାଇଁ ଆବଶ୍ୟକ ଅନ୍ୟାନ୍ୟ କାଗଜପତ୍ର ଜାଲିଆତି କରି ଏପରି ଜମି ବିକ୍ରି ଉଦ୍ୟମ କରାଯାଉଥିଲା। ନିଜକୁ ଲିଙ୍ଗରାଜ ଦର୍ଶାଇ ଜଣେ ବ୍ୟକ୍ତି ଏହାକୁ ଜଟଣୀ ଜାମୁକୋଳି ପଞ୍ଚାୟତର ଦୁଇଜଣ ବ୍ୟକ୍ତିଙ୍କୁ ବିକ୍ରି କରୁଥିଲେ। ରେଜିଷ୍ଟ୍ରି ସମୟରେ ସନ୍ଦେହ ଉପୁଜିବାରୁ ସବ୍‌ରେଜିଷ୍ଟ୍ରାର ହୃଷିକେଶ ତ୍ରିପାଠୀ ପୋଲିସକୁ ଜଣାଇଥିଲେ। ଏହି ଘଟଣାର ମୁଖ୍ୟ ମାଷ୍ଟର ମାଇଣ୍ଡ ଫେରାର ହୋଇଯାଇଥିବା ବେଳେ ନିଜକୁ ଲିଙ୍ଗରାଜ ପୃଷ୍ଟି ଦର୍ଶାଇ ଜାଲିଆତି କାଗଜପତ୍ରରେ ଜମି ବିକ୍ରୟ କରୁଥିବା ବ୍ୟକ୍ତିଙ୍କ ସମେତ ୪ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## 'ପରିବାର କଲ୍ୟାଣ ଅସ୍ତ୍ରୋପଚାର ବିଫଳ ହେଲେ କ୍ଷତିପୂରଣ ମିଳିବ'

ଖୋର୍ଦ୍ଧା ଅଫିସ,୯।୧୧: ଖୋର୍ଦ୍ଧା ଜିଲାରେ ପରିବାର କଲ୍ୟାଣ ଯୋଜନା ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲାରେ ୧୨ଜଣ ଅପରେଟିଂ ସର୍ଜନଙ୍କୁ ପରିବାର କଲ୍ୟାଣ ଅସ୍ତ୍ରୋପଚାର ଲାଗି ଜିଲାପାଳ ସ୍ୱୀକୃତି ପ୍ରଦାନ କରିଛନ୍ତି। ପରିବାର କଲ୍ୟାଣ ଅସ୍ତ୍ରୋପଚାରରେ ବିଫଳ ହୋଇଥିବା ଦମ୍ପତିଙ୍କୁ ରାଜ୍ୟ ସରକାରଙ୍କ ନିୟମ ମୁତାବକ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସୋମବାର ଜିଲାପାଳ ସନତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଖୋର୍ଦ୍ଧା କ୍ୱାଲିଟି ଆସୁରାନ୍ସ କମିଟି ଏବଂ ପିସି ପିଏନଡିଟି ଉପଦେଷ୍ଟା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲାରେ ୨୪୦ଟି ପଞ୍ଜୀକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ମଧ୍ୟରୁ ୧୮୯ଟି କାର୍ଯ୍ୟକ୍ଷମ ରହିଛି ବୋଲି ସିଡିଏମଓ ବିଶ୍ୱରଞ୍ଜନ ପତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଦ୍ୱାରିକାନାଥ ଶତପଥୀ, ଡା. ରଘୁନାଥ ନାୟକ, ଡା. ଜୀବନ୍ତ କୁମାର ଆଚାର୍ଯ୍ୟ, ଡା.ସତ୍ୟ ରଞ୍ଜନ ପାଇକରାୟ, ଡିପିଏମ ଗୀତାଞ୍ଜଳି ଦାସ, ସହକାରୀ ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ର ଏବଂ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

ପୁରୀ ଅଫିସ, ୯।୧୧: ପ୍ରଧାନ ଶିକ୍ଷକ ତାଙ୍କୁ ନିର୍ଯାତନା ଦେଉଥିବା ଜଣେ କ୍ରୀଡ଼ା ଶିକ୍ଷୟିତ୍ରୀ ଅଭିଯୋଗ ଆଣିଛନ୍ତି। ଏ ନେଇ ସେ ନିମାପଡ଼ା ଥାନାରେ ଏତଲା ଦେଇଥିଲେ। ମାତ୍ର ପୋଲିସ ଏତଲା ରଖୁ ନ ଥିବାରୁ ନ୍ୟାୟ ପାଇଁ ସେ ପୁରୀ ଏସ୍‌ପିଙ୍କୁ ଗୁହାରି କରିଛନ୍ତି। ସମ୍ପୃକ୍ତା କ୍ରୀଡ଼ା ଶିକ୍ଷୟିତ୍ରୀ ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗପତ୍ରରେ ସମ୍ପୃକ୍ତା ଶିକ୍ଷୟିତ୍ରୀ ଦର୍ଶାଇଛନ୍ତି, ୨୦୧୬ରୁ ଏକ ହାଇସ୍କୁଲରେ ସେ ପିଇଟି ଭାବେ କାର୍ଯ୍ୟରତ ଅଛନ୍ତି। ସେହି ସ୍କୁଲର ପ୍ରଧାନ ଶିକ୍ଷକ ତାଙ୍କୁ ମାନସିକ ନିର୍ଯାତନା ଦେଉଛନ୍ତି। ତାଙ୍କୁ ହଇରାଣ କରିବା ସହ ଜାତିଆଣା ଆକ୍ଷେପ କରୁଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିବା ସତ୍ତ୍ୱେ ପୋଲିସ ଚୁପ୍ ବସିଛି। ଅପରପକ୍ଷେ ତାଙ୍କ ବିରୋଧରେ ପ୍ରଧାନ ଶିକ୍ଷକ ଏକ ମିଛ ଏତଲା ଦେଇଛନ୍ତି। ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦିଆଯାଇଥିବାରୁ ସେ ଘରୁ ବାହାରି ପାରୁନାହାନ୍ତି। ଏହାର ତଦନ୍ତ ପାଇଁ ପ୍ରତିଶ୍ରୁତି ମିଳିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ କହିଛନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ତାଙ୍କ ବିରୋଧରେ ଏକ ପ୍ରୋସିଡିଂ ଚାଲିଛି। ଏହାର ନୋଟିସକୁ ସେ ଆଦୌ ଗ୍ରହଣ କରୁ ନ ଥିଲେ। ସମ୍ପୃକ୍ତା ପିଇଟି ମିଥ୍ୟା ଅଭିଯୋଗ କରିଛନ୍ତି। ଶିକ୍ଷୟିତ୍ରୀ ଜଣଙ୍କ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ସେ ପାଲଟା ଅଭିଯୋଗ ଆଣିଛନ୍ତି।

## ଖୋଲିଲା ଗାନ୍ଧୀ ଘାଟ ପାର୍କ

ପୁରୀ ଅଫିସ, ୯।୧୧ କରୋନା ମହାମାରୀ ଯୋଗୁ ଲକ୍‌ଡାଉନ ଘୋଷଣା ପରଠାରୁ ସର୍ବସାଧାରଣଙ୍କ ପାଇଁ ଗାନ୍ଧୀ ଘାଟ ପାର୍କ ବନ୍ଦ ରହିଥିଲା। ସୋମବାରଠାରୁ ଏହାକୁ ଖୋଲାଯାଇଛି। ଲୋକେ ପାର୍କ ପରିସରକୁ ଯାଇ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ କରିଛନ୍ତି। କିନ୍ତୁ ପ୍ରଥମ ଦିନରେ ଲୋକଙ୍କ ଉପସ୍ଥିତି ପୂର୍ବାପେକ୍ଷା କମ୍ ଥିଲା। ପୂର୍ବରୁ ଗାନ୍ଧୀ ପାର୍କ ନିକଟ ବ୍ଲୁ ଫ୍ଲାଗ୍ ବେଳାଭୂମି, ସମୁଦ୍ରକୂଳ, ବାଙ୍କୀମୁହାଣ, ନୀଳାଦ୍ରି ପାର୍କ ଆଦି ଖୋଲିଥିବାବେଳେ ଗାନ୍ଧୀଘାଟ ପାର୍କ କିନ୍ତୁ ଖୋଲାଯାଇ ନ ଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। କାରଣ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ପାଇଁ ଏହି ପାର୍କ ସମସ୍ତଙ୍କର ପସନ୍ଦ। ତେଣୁ ପ୍ରଶାସନ ପକ୍ଷରୁ ସୋମବାରଠାରୁ ଏହାକୁ ଖୋଲାଯିବ ବୋଲି ରବିବାର ଘୋଷଣା କରାଯାଇଥିଲା। କୋଭିଡ୍ ଗାଇଡ୍‌ଲାଇନ ମାନି ପାର୍କକୁ ଆସିବା ପାଇଁ ଜନସାଧାରଣଙ୍କୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଭାଜପାର କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗ

ଡେଲାଙ୍ଗ,୯।୧୧(ଡି.ଏନ୍.ଏ.)– ଭାଜପା ପକ୍ଷରୁ କୋଭିଡ୍-୧୯ ନିୟମ ଉଲ୍ଲଂଘନ ନେଇ କଂଗ୍ରେସ ପକ୍ଷରୁ ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। କିଛିଦିନ ତଳେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ଓ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଡେଲାଙ୍ଗ ବ୍ଲକରେ ଜନସମ୍ପର୍କ ପଦଯାତ୍ରା ଆଳରେ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର ଓ ଯୁବନେତା ବିଶ୍ୱରଞ୍ଜନ ବଳବନ୍ତରାୟ ଅଭିଯୋଗ କରିଛନ୍ତି। ପିପିଲି ବିଧାୟକ ପଦ ଖାଲିପଡ଼ିଥିବା ବେଳେ ଆଗକୁ ଉପନିର୍ବାଚନ ରହିଛି। ଏବେଠାରୁ ଭାଜପା ଭୋଟ ପ୍ରଚାର ଉଦ୍ଦେଶ୍ୟରେ ସାମାଜିକ ଦୂରତ୍ୱକୁ ନ ମାନି ଜନସମାଗମ କରିଥିବା ଅଭିଯୋଗପତ୍ରରେ କଂଗ୍ରେସ ଦର୍ଶାଇଛି। ତେବେ ମହାମାରୀ ରୋଗ ଅଧିନିୟମ ଆଇନ ୧୮୯୭ର ଧାରା ୩/୪ ଭାରତୀୟ ଦଣ୍ଡବିଧାନ ସହ ୧୯୬୦ର ଧାରା ୧୮୮/୨୬୮ ଅନୁଯାୟୀ ଆଇନତଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଂଗ୍ରେସ ଦାବି କରିଛି।

# ନାଟକ ମାଧ୍ୟମରେ ଦୁଃଖ ଜଣାଇଲେ କଳାକାର

ଖୋର୍ଦ୍ଧା ଅଫିସ,୯।୧୧




■ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା
■ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କରୋନା ମହାମାରୀ ଯୋଗୁ ଦୀର୍ଘ ୮ମାସ ଧରି ମଞ୍ଚ, ଯାତ୍ରା ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଛି। ଫଳରେ ଖୋର୍ଦ୍ଧା ଜିଲାର ଶତାଧିକ କଳାକାର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଉପ ନିର୍ବାଚନରେ ସରକାର ପ୍ରଚାରରେ ମେଲୋଡିକୁ ସ୍ଥାନ ଦେଇଥିଲେ ମଧ୍ୟ କଳାକାରଙ୍କ ପ୍ରତି ଅଣଦେଖା କରୁଛନ୍ତି। କେନ୍ଦ୍ର ସରକାର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ତେବେ କଳାକାର ମଞ୍ଚକୁ ସରକାର ବିଚାରକୁ ନେଉନାହାନ୍ତି। କୋଭିଡ-୧୯ ଗାଇଡ୍‌ଲାଇନକୁ ଦୃଷ୍ଟିରେ ରଖି ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଅନୁମତି ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛି ଖୋର୍ଦ୍ଧା ଜିଲା କଳାକାର ମହାସଂଘ। ଏନେଇ ସୋମବାର ଶତାଧିକ କଳାକାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଗତ ୮ମାସ ହେବ କିପରି ଚଳୁଛନ୍ତି, ସେ ନେଇ ନାଟକ ମାଧ୍ୟମରେ କଳାକାରମାନେ ନିଜ ଦୁଃଖ ଜଣାଇବା ସହ ପ୍ରତିବାଦ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକ ହେଲା, ସାମାଜିକ ଦୂରତ୍ୱକୁ ବଜାୟ ରଖି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଲାଗି ଅନୁମତି, ଅଣତାଲିକାଭୁକ୍ତ କଳାକାରଙ୍କୁ ଚିହ୍ନଟ କରି କଳାକାର ତାଲିକାରେ ଅନ୍ତର୍ଭୁକ୍ତ, ବ୍ଲକସ୍ତରରେ ଥିବା ସ୍ୱୀକୃତି ଓ ଅଣସ୍ୱୀକୃତ ପ୍ରାପ୍ତ କଳାକାରଙ୍କ ଡାଟାବେସ ପ୍ରସ୍ତୁତ କରାଯାଉ। ବ୍ଲକ କଳାକାର ସଂସ୍କୃତି ସଂଘ ସୁପରିଚାଳନା ଲାଗି ଏକ ପରିଚାଳନା କମିଟି ଗଠନ କରାଯାଉ। ଦୀର୍ଘ ଦିନ ଧରି ଏହାର ନୂତନ କର୍ମକର୍ତ୍ତା ଚୟନ କରାଯାଇନାହିଁ। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ ଏବଂ କଳାକାରଙ୍କୁ ଆର୍ଥିକ ସହାୟତା ପ୍ରଦାନ ଆଦି ଦାବି ରହିଛି। ମହାସଂଘ ଉପଦେଷ୍ଟା ଅବିନାଶ ସୁବୁଦ୍ଧି, ସଭାପତି ଧ୍ରୁବଚରଣ ମହାପାତ୍ର, ଉପସଭାପତି ଅଟଳ ଧର୍ମରାଜ, ସମ୍ପାଦକ ଜ୍ୟୋତିଶଙ୍କର ପଟ୍ଟନାୟକ, ଦେବାଶିଷ ପାତ୍ର, ମାନସରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ଶତାଧିକ କଳାକାର ଏହି ଧାରଣାରେ ଯୋଗ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୦ ନଭେମ୍ବର, ୨୦୨୦



## ଗୋଠଛଡ଼ା ଦନ୍ତା ଅସୁସ୍ଥ

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜରେ ପ୍ରବେଶ କରିଥିବା ଝାଡ଼ଖଣ୍ଡି ହାତୀପଲ ମଧ୍ୟରୁ ଏକ ଦନ୍ତାହାତୀ ଅସୁସ୍ଥ ହୋଇ ଗୋଠଛଡା ଦେଇ ବୁଲୁଛି। ହାତୀର ଆଗ ଗୋଡ଼ରେ ସାମାନ୍ୟ କ୍ଷତ ଥିବା ବେଳେ ରବିବାର ସନ୍ଧ୍ୟାରେ ଖାଇବାକୁ ଆସି ମୁଖ୍ୟଦଳକୁ ଫେରି ନ ଥିଲା। ସୋମବାର ସକାଳ ୯ଟା ପର୍ଯ୍ୟନ୍ତ ବେତନଟୀ ରେଞ୍ଜ ଅଧୀନ କୁରାଡ଼ିହ ଗ୍ରାମ ନିକଟ ଧାନ କ୍ଷେତରେ ଅଟକି ରହିଥିଲା। ଏନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଥିବା ବେଳେ ବନବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି।

**ସଂକ୍ଷେପରେ**

### ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**କଣ୍ଟାପଡା, ୯।୧୧(ଡି.ଏନ.ଏ.):** କଣ୍ଟାପଡା ବିଡିଓଙ୍କ ବଦଳି ଦାବିକରି ଅଭିମନ୍ୟୁ ସଙ୍ଗଠନ ପକ୍ଷରୁ ସୋମବାର ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଡିଓ ଶୁଭଶ୍ରୀ ରଥ ବ୍ଲକରେ ବହୁ ସମୟ ଅନୁପସ୍ଥିତ ରହିବା, ସାଧାରଣ ଲୋକଙ୍କ ସମସ୍ୟା ବୁଝିବାରେ ଅବହେଳା କରିବା, ସରକାରୀ ବାସଭବନ ଥିବା ସତ୍ତ୍ୱେ ସେଠାରେ ନ ରହିବା ଆଦି ଅଭିଯୋଗ ଆଣି ସଙ୍ଗଠନ ପକ୍ଷରୁ ବିଡିଓଙ୍କ ବଦଳି ଦାବି କରାଯାଇଥିଲା। ସଙ୍ଗଠନର ଆବାହକ ଅଭିମନ୍ୟୁ ମଲ୍ଲିକଙ୍କ ନେତୃତ୍ୱରେ ବହୁ ସଦସ୍ୟ ଧାରଣାରେ ସାମିଲ ହୋଇଥିଲେ। ବିଡିଓ ରଥ ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କ ସମସ୍ୟା ବୁଝିବା ସହ ଅନ୍ୟାନ୍ୟ ଦାବି ଉପରେ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ବ୍ୟବସାୟୀଙ୍କଠାରୁ ଲୁଟ୍: ୨ ଗିରଫ

**ଖୁଣ୍ଟୁଣୀ,୯।୧୧ (ଡି.ଏନ.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମହାକାଳବସ୍ତ ଛକରେ ଜଣେ ପରିବା ବ୍ୟବସାୟୀଙ୍କଠାରୁ ୪ ହଜାର ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଧରିଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିବାବେଳେ ଅନ୍ୟଜଣେ ନାବାଳକଙ୍କୁ କଟକସ୍ଥିତ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇ ଦେଇଛି। ଅଭିଯୁକ୍ତଦ୍ୱୟ ହେଲେ ଟିଗିରିଆ ଥାନା ଅଚଳକୋଟ ଗ୍ରାମର ଜ୍ୟୋତିରଞ୍ଜନ ପ୍ରଧାନ ଓ ନୟାଗଡ ଅଞ୍ଚଳର ଧୀରେନ ସ୍ୱାଇଁ। ସେମାନଙ୍କଠାରୁ ୨୭୫୦ ଟଙ୍କା, ୨ ବାଇକ ଜବତ ହୋଇଛି। ଶନିବାର ଭୋରରୁ ମହାଳପଡା ଗ୍ରାମର ବିକାଶ ରାଉତ ପରିବା ପାଇଁ ଯାଉଥିବାବେଳେ ୪ ଜଣ ତାଙ୍କଠାରୁ ଟଙ୍କା ଓ ମୋବାଇଲ ଲୁଟି ନେଇଥିଲେ। ସେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୧୪୮/୨୦) ରୁଜୁ କରିଥିଲା।

### ସ୍କ୍ରାପ୍ ବୋଝେଇ ଟ୍ରକ ଜବତ

**ଚୌଦ୍ୱାର,୯।୧୧(ଡି.ଏନ.ଏ.):** ଚୌଦ୍ୱାର ଥାନା କଜଳଖଣା ଛକ ନିକଟରୁ ସ୍କ୍ରାପ୍ ବୋଝେଇ ଟ୍ରକ୍‌କୁ ପୋଲିସ ଜବତ କରିଛି। ଟ୍ରକ୍‌ଟି କଲିକତାରୁ ଯାଜପୁରଠାରେ ଥିବା ଜିନ୍ଦଲ କମ୍ପାନୀକୁ ସ୍କ୍ରାପ ନେଇ ଆସିଥିଲା। ସେଠାରେ ଜିନ୍ଦଲ କମ୍ପାନୀ ସ୍କ୍ରାପର ମାନ ଖରାପ ଥିବା ଦର୍ଶାଇ ଫେରାଇ ଦେଇଥିଲା। ହେଲେ ଟ୍ରକ୍‌ଟି କଲିକତା ଫେରିବା ବଦଳରେ କଜଳକଣାରେ ଅନ୍ୟ ଏକ ଟ୍ରକ୍‌କୁ ବୋଝେଇ ହୋଇଥିବା ସ୍କ୍ରାପ୍ ଲୋଡ କରୁଥିବା ପୋଲିସ ଦେଖି ସନ୍ଦେହରେ ୨ଟ୍ରକ୍‌କୁ ଥାନାକୁ ଆଣିଥିଲା। ଗାଡ଼ି ଚାଳକ କାଗଜପତ୍ର ଦେଖାଇ ନ ପାରି ଚୋରା ଚାଲାଣ ହେଉଥିବା ପୋଲିସି କହିଛି।

### ଜେଲ୍ ଗଲେ ଅଭିଯୁକ୍ତ ଦୁର୍ଗା

**ଭୁବନେଶ୍ୱର,୯।୧୧ (ବ୍ୟୁରୋ):** ଜଣେ ଯୁବକଙ୍କୁ ମାଡ଼ ମାରି ତାଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ହଂସପାଳ ମେଟ୍ରୋ ସାଟେଲାଇଟ୍ ସିଟି ଅଞ୍ଚଳରେ ରହୁଥିବା ଭଦ୍ରକ ଜିଲା ତିହିଡ ଅଞ୍ଚଳର ଦୁର୍ଗା ମାଧବ ମହଲା। ଶହୀଦନଗର ଥାନା ଅନ୍ତର୍ଗତ ଗ୍ରୀଡ୍‌କୋ କଲୋନୀରେ ରହୁଥିବା ଗୌରାଙ୍ଗ ଚରଣ ସାହୁଙ୍କ ଘର ଆଗରେ ଦୁର୍ଗା ପ୍ରାୟତଃ ଜଣେ ମହିଳାଙ୍କ ସହ କୁକର୍ମରେ ଲିପ୍ତ ରହିଥାନ୍ତି। ରବିବାର ରାତିରେ ଗୌରାଙ୍ଗ ଘରକୁ ଫେରିବାବେଳେ ଏହାଦେଖି ବିରୋଧ କରିଥିଲେ। ଫଳରେ ଅଭିଯୁକ୍ତ ତାଙ୍କୁ ମାଡ଼ମାରିଥିଲେ। ଗୌରାଙ୍ଗଙ୍କ ଚିତ୍କାର ଶୁଣି ତାଙ୍କ ମା ଓ ସ୍ତ୍ରୀ ବାହାରକୁ ଆସିବାରୁ ଅଭିଯୁକ୍ତ ସେମାନଙ୍କୁ ଗାଳି କରିଥିଲେ। ପୋଲିସ ମାମଲା (ନଂ.୪୭୯/୨୦) ରୁଜୁ କରି ତଦନ୍ତ କରି ଦୁର୍ଗାଙ୍କୁ ଜେଲ ପଠାଇଛି।

### ୧୦୦୦ ଲିଟର କିରୋସିନ୍ ଜବତ

**କାକଟପୁର,୯।୧୧(ଡି.ଏନ.ଏ.):** କାକଟପୁର ବ୍ଲକର ଜଳେଶ୍ୱରପଡା ପଞ୍ଚାୟତର ସୁନାରାବସ୍ତି ଗ୍ରାମର ଜଣଙ୍କ ଘରୁ କାକଟପୁର ପୋଲିସ ସୋମବାର ୧୦୦୦ଲିଟର କିରୋସିନ ଜବତ କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଜଳେଶ୍ୱରପଡା ପଞ୍ଚାୟତ ଅଞ୍ଚଳରେ କିରୋସିନ୍ କଳାବଜାର ହେଉଥିବା ଅଭିଯୋଗ ହୋଇଆସୁଥିଲା। ପରେ ପୋଲିସ ବିଶେଷ ସୂତ୍ରରୁ ଖବରପାଇ ସୁନାରାବସ୍ତିର ଜଣଙ୍କ ଘରେ ଚଡ଼ାଉ କରି କିରୋସିନ ଜବତ କରିଥିଲେ।

# ଭଙ୍ଗାଘରେ ବିତୁଛି ବୃଦ୍ଧାଙ୍କ ଜୀବନ

**ନିରାକାରପୁର,୯।୧୧(ଡି.ଏନ୍.ଏ.)**


ଭଙ୍ଗାଘରେ ତାରାମଣି।

■ ମିଳୁନି ସରକାରୀ ସହାୟତା
■ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

କେନ୍ଦ୍ର ଓ ରାଜ୍ୟ ସରକାର ଗରିବଙ୍କ ଉନ୍ନତି ଲାଗି ବହୁ ଯୋଜନା କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ଗରିବଙ୍କୁ ଘର ଯୋଗାଇ ଦିଆଯାଉଛି। ତେବେ କେତେଜଣ ସରକାରୀ କର୍ମଚାରୀଙ୍କ ଅବହେଳା ପାଇଁ ବହୁ ଗରିବ ତଥା ଅସହାୟ ବ୍ୟକ୍ତି ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ ପ୍ରୋତ୍ସାହନ ଏମାନଙ୍କ ଲାଗି ବହୁ ଦୂରରେ ବୋଲି ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଞ୍ଚଳରୁ ଏଭଳି ଅଭିଯୋଗ ଆସିଛି। ଏହି ବ୍ଲକ ଅନ୍ତର୍ଗତ କାଶୀପୁର ଚିତ୍ରକୁଟ ପାହାଡ଼ ପାଦଦେଶରେ ରହୁଥିବା ତାରାମଣି ସୁବୁଦ୍ଧି(୬୫) ଭଙ୍ଗା ଘର ସହ ଜରିପାଲ ତଳେ ଜୀବନ ବିତାଉଛନ୍ତି ବୋଲି କହିଛନ୍ତି। ଅନ୍ୟପଟେ ତାରାମଣି କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ସୂଚନା ଅନୁଯାୟୀ, ତାରାମଣି ଓ ତାଙ୍କ ସ୍ୱାମୀ କାଶୀପୁର ଚିତ୍ରକୁଟ ପାହାଡ଼ ପାଦଦେଶରେ ପ୍ରାୟ ୨୪ବର୍ଷ ହେବ ରହୁଛନ୍ତି। ସେମାନେ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ନିକଟରେ ଥିବା ଭୈରବୀ ଦେବୀଙ୍କ ମନ୍ଦିରକୁ ଭୋଗ କରିବାକୁ ଆସୁଥିବା ଭକ୍ତଙ୍କୁ ଏହି କାଠ ବିକ୍ରି କରି ଚଳିଥାନ୍ତି। ୩ମାସ ପୂର୍ବେ ହାତୀ ପଲ ତାଙ୍କ ଘରକୁ ଭାଙ୍ଗି ଦେବାରୁ ସେମାନେ ଭଙ୍ଗା ଘରେ ଜରିପାଲ ଟାଣି ଜୀବନ ବିତାଉଛନ୍ତି। ଅନ୍ୟପଟେ ତାରାମଣି କର୍କଟ ରୋଗରେ ପୀଡ଼ିତ ଥିବା ଜାଣିବା ପରେ ଏକ ମାସରୁ ଊର୍ଦ୍ଧ୍ୱ ହେବ ସ୍ୱାମୀ ତାଙ୍କୁ ଛାଡ଼ି କେଉଁଆଡେ ପଳାଇଛନ୍ତି। ତାରାମଣି ରୋଗାକ୍ରାନ୍ତ ଥିବାରୁ କେଉଁଆଡ଼େ ଯାଇପାରୁ ନ ଥିବାରୁ ଭୋକ ଉପାସରେ ଦିନ ବିତାଉଛନ୍ତି। ତାରାମଣିଙ୍କୁ ସହାୟତା ପାଇଁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ତହସିଲଦାର ଓ ଆର୍‌ଆଇଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

# ଡିସିପି ଅଫିସ ଘେରିଲେ ମହିଳା



**ଭୁବନେଶ୍ୱର,୯।୧୧(ବ୍ୟୁରୋ)**

**ସରପଞ୍ଚଙ୍କ ନାମରେ ମିଥ୍ୟା ଅଭିଯୋଗର ପ୍ରତିବାଦ**

ଏକ ଜମିବାଡି ବିବାଦ ମାମଲାରେ ନନ୍ଦନକାନନ ଥାନା ରଘୁନାଥପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ପବିତ୍ର ପାତ୍ରଙ୍କ ନାମରେ ହୋଇଥିବା ଦୁର୍ବ୍ୟବହାର ଓ ଧମକଚମକ ଅଭିଯୋଗକୁ ବିରୋଧ କରି ସୋମବାର ଶତାଧିକ ମହିଳା ଡିସିପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସମିତି ସଭ୍ୟା ଝୁନାରାଣୀ ରାଉତଙ୍କ ନେତୃତ୍ୱରେ ପଞ୍ଚାୟତର ୱାର୍ଡ ମେମ୍ବର, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ସମେତ ଶହେରୁ ଊର୍ଦ୍ଧ୍ୱ ମହିଳା ଧାରଣାରେ ବସି ବିଭିନ୍ନ ନାରାବାଜି ଦେଇଥିଲେ। ସମିତି ସଭ୍ୟା ରାଉତ କହିଛନ୍ତି ଯେ, ଜମିବାଡି ବିବାଦକୁ ନେଇ ସରପଞ୍ଚ ପାତ୍ରଙ୍କ ନାମରେ କେତେଜଣ ମୁଷ୍ଟିମେୟ ରାଜନେତା ଆକ୍ରୋଶମୂଳକ ଭାବେ ଥାନାରେ ମିଥ୍ୟା ଅଭିଯୋଗ କରିଛନ୍ତି। ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ। ସରପଞ୍ଚ ନିର୍ବାଚନ ପରଠାରୁ ବହୁତ ଉନ୍ନତି ମୂଳକ କାର୍ଯ୍ୟ କରି ଆସୁଥିବାରୁ ତାଙ୍କୁ ଫସାଇବା ପାଇଁ ଏଭଳି ହୀନ ଚକ୍ରାନ୍ତ କରାଯାଇଛି। ଏହାର ନିରପେକ୍ଷ ତଦନ୍ତ ହେଉ ବୋଲି ସେ ଦାବି କରିଛନ୍ତି। ଏହି ଅବସରରେ ଏ ସଂକ୍ରାନ୍ତରେ ଡିସିପିଙ୍କୁ ଏକ ଅଭିଯୋଗପତ୍ର ଦେଇଥିଲେ। ଡିସିପି ତଦନ୍ତ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଧାରଣାରୁ ଉଠିଥିଲେ। ଗତ ଶନିବାର ସରପଞ୍ଚଙ୍କ ନାମରେ ଅଭିଯୋଗ ହେବା ପରେ ମହିଳାମାନେ ଥାନା ଘେରାଉ କରିଥିଲେ।



ଭେଣ୍ଡିଂଜୋନ୍ ପ୍ରତିଷ୍ଠା ଦାବିରେ କଟକ ବିଜୁ ପଟ୍ଟନାୟକ ଛକ ଉଠାଦୋକାନୀ ସଂଘ ପକ୍ଷରୁ ସୋମବାର ସିଏମ୍‌ସି ବିକାଶ ଭବନସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ଖଣ୍ଡଗିରି ଥାନାଞ୍ଚଳରୁ ୫ ଲୁଟେରା ଗିରଫ

**ଲାପଟପ,୧୮ ମୋବାଇଲ ଫୋନ୍, ଟଙ୍କା ଜବତ**

**ଭୁବନେଶ୍ୱର,୯।୧୧(ବ୍ୟୁରୋ):** ଖଣ୍ଡଗିରି ଥାନା ଅଞ୍ଚଳରେ ଭିନ୍ନ ଭିନ୍ନ ୩ ଚୋରି ଓ ଲୁଟ୍ ମାମଲାରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ସୁବାସନଗର ବସ୍ତିର ରାଜୀବ ସାହୁ, ଖାରବେଳନଗର ଥାନା ମସ୍‌ଜିଦ କଲୋନୀର ସେକ୍ ସୁରଜ, ସେକ୍ ମହମ୍ମଦ, ଖଣ୍ଡଗିରି ଥାନା ସରକନ୍ତରାର ସୌମ୍ୟରଞ୍ଜନ ପରିଜା ଓରଫ ଟିକି ଓ ବେଗୁନିଆ ଯଦୁପୁରର ୟୁସୁଫ ମହମ୍ମଦ। ଏମାନଙ୍କଠାରୁ ପୋଲିସ ୧୮ ସ୍ମାର୍ଟଫୋନ ସହ ଗୋଟିଏ ଲାପଟପ ଓ ୧୫୦୦ ଟଙ୍କା ଜବତ କରିଛି। ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଝାରପଡା ଜେଲ୍‌କୁ ପଠାଇ ଦିଆଯାଇଛି। ଖଣ୍ଡଗିରି ଥାନା ଅଞ୍ଚଳରେ ଚୋରି ଓ ଲୁଟ୍‌ପାଟ ବୃଦ୍ଧି ପାଇବାରେ ଲାଗିଛି। ୩ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୩୬୨, ୭୨୧ ଓ ୭୨୨/୨୦) ରୁଜୁ ହୋଇଥିଲା। ଥାନା ଅଧିକାରୀ ପଦ୍ମନାଭ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଚଢ଼ାଉରେ ରବିବାର ୨ଜଣଙ୍କୁ ଧରିବା ପରେ ସେମାନଙ୍କୁ ପଚରାଉଚରା ପରେ ଅନ୍ୟ ୩ଜଣଙ୍କୁ ଗିରଫ କରାଯାଇଥିଲା।

# ରାସ୍ତା ନିର୍ମାଣ, ମରାମତି କାର୍ଯ୍ୟ ତୁରନ୍ତ ଶେଷ କର

**କଟକ ଅଫିସ, ୯।୧୧**

**ଜିଲା ସଡ଼କ ନିରାପତ୍ତା କମିଟି ପ୍ରଥମ ବୈଠକ**

କଟକ ଜିଲା ସଡ଼କ ନିରାପତ୍ତା କମିଟି ପ୍ରଥମ ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଡ଼କ ପରିବହନ ବିଭାଗ, ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ କଟକ ଜିଲାରେ ଏହି କମିଟିର ପ୍ରଥମ ବୈଠକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେଉଛି। ମଦ୍ୟପାନ କରି ଗାଡି ନ ଚଳେଇବା ଓ ଗାଡ଼ି ଚଳେଇବାବେଳେ ମୋବାଇଲ ବ୍ୟବହାର ନ କରିବା ଉପରେ ମହତାବ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ରାସ୍ତା ନିର୍ମାଣ, ମରାମତି ଏବଂ ପ୍ରଶସ୍ତୀକରଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ପାଇଁ ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟସଭା ସାଂସଦ ସୁବାସ ସିଂ ବ୍ଲାକ୍ ସ୍ପଟଗୁଡ଼ିକ ଚିହ୍ନଟ ଓ ସୂଚନା ଫଳକ ବ୍ୟବସ୍ଥା କରାଯିବା ସମ୍ପର୍କରେ ଆଲୋକପାତ କରିଥିଲେ । ବିଧାୟକ ସୌଭିକ୍ ବିଶ୍ୱାଳ ଓଏମ୍‌ପି ଛକ ଜଳପ୍ଲାବନ ସମସ୍ୟା ଓ ଲେନ୍ ଡ୍ରାଇଭିଂ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଧାୟକ ଦେବୀ ପ୍ରସାଦ ମିଶ୍ର ନରସିଂହପୁର-ହିନ୍ଦୋଳ ରାସ୍ତାର ଉନ୍ନତୀକରଣ ଓ ଏକତାଳଠାରେ ରାସ୍ତା ପାଇଁ ଜମି ଅଧିଗ୍ରହଣ ସମ୍ପର୍କରେ କହିଥିଲେ। ବିଧାୟକ ପ୍ରଶାନ୍ତ ବେହେରା ଟାଙ୍ଗୀ ବସ୍‌ଷ୍ଟାଣ୍ଡଠାରେ ତୁରନ୍ତ ଓଭରବ୍ରିଜ ନିର୍ମାଣ କାମ ସମ୍ପୂର୍ଣ୍ଣ କରାଯିବା ଲାଗି ଜଣାଇଥିଲେ। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବ୍‌ଦଲ ଅକତର, ପି. ଯୁଗଳ କିଶୋର, ରାଜ୍ୟ ପରିବହନ ପ୍ରାଧିକରଣର ଡେପୁଟି କମିଶନର ଲାଲମୋହନ ସିଂ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ବସ୍ ଲାଗି କ୍ରୁଟ୍ ପୁରସ୍କୃତ

**ଭୁବନେଶ୍ୱର,୯।୧୧(ବ୍ୟୁରୋ)**

ସିଟି ବସ୍ ସେବା କ୍ଷେତ୍ରରେ ପୁଣି ମୋ ବସ୍‌କୁ ସଫଳତା ମିଳିଛି। କ୍ରମାଗତ ଦ୍ୱିତୀୟଥର ପାଇଁ ମୋ ବସ୍ ସେବା ପରିଚାଳନା ସଂସ୍ଥା କ୍ୟାପିଟାଲ୍ ରିଜିଓନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ୍)କୁ ଦେଶର ଶୀର୍ଷ ପୁରସ୍କାର 'ଉତ୍କର୍ଷ' ପ୍ରଦାନ କରାଯାଇଛି। କେନ୍ଦ୍ର ସହରାଞ୍ଚଳ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ୧୩ତମ ସହରାଞ୍ଚଳ ମୋବିଲିଟି ଇଣ୍ଡିଆ ସମ୍ମିଳନୀରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଗତବର୍ଷ ଲକ୍ଷ୍ନୌରେ ହୋଇଥିବା ଏହି ସମ୍ମିଳନୀରେ କ୍ରୁଟ୍‌କୁ ନୂତନ ପଦକ୍ଷେପ ବର୍ଗରେ ପ୍ରଥମ ପୁରସ୍କାର 'ସର୍ବୋତ୍ତମ ସିଟି ବସ୍ ସେବା ପ୍ରକଳ୍ପ' ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ବର୍ଷ ବିଭିନ୍ନ ଶ୍ରେଣୀରେ ଶୀର୍ଷ ପ୍ରଦର୍ଶନ କରୁଥିବା ସିଟିବସ୍ କମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଗତବର୍ଷ ବିଭିନ୍ନ ଶ୍ରେଣୀରେ ପ୍ରାୟ ୧୨ଟି ପୁରସ୍କାର ବଣ୍ଟନ କରାଯାଇଥିଲା। ଚଳିତବର୍ଷ କେବଳ ଗୋଟିଏ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଏହାକୁ କ୍ରୁଟ୍ ହାତେଇବାକୁ ସଫଳ ହୋଇଛି। କୋଭିଡ୍ ସମୟରେ ସହରାଞ୍ଚଳ ପରିବହନରେ ଆରମ୍ଭ କରାଯାଇଥିବା ନବସୃଜନ ହିଁ ଚଳିତବର୍ଷର ବିଷୟବସ୍ତୁ ରହିଥିଲା। ସାରାଦେଶରେ ବିଭିନ୍ନ ବସ୍ କମ୍ପାନୀ ଏଥିରେ ଅଂଶଗ୍ରହଣ କରି ନିଜ ସଂସ୍ଥା ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ଦର୍ଶାଇଥିଲେ। ମୂଲ୍ୟାଙ୍କନ ପରେ ଜାତୀୟ ଜୁରି କମିଟି ଓଡ଼ିଶାର କ୍ରୁଟ୍‌କୁ 'ଉତ୍କର୍ଷ' ପୁରସ୍କାର ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି। କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରାଳୟର ସଚିବ ଦୁର୍ଗାଶଙ୍କର ମିଶ୍ର ଏହି ପୁରସ୍କାର ପ୍ରଦାନ କରିଛନ୍ତି। କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ଏହି ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସାରା ଦେଶର ବିଭିନ୍ନ ସିଟିବସ୍ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ତେବେ କ୍ରମାଗତ ଭାବେ ୨ଥର ଜାତୀୟ ସ୍ତରରେ ଏହି ପୁରସ୍କାର ମିଳିଥିବାରୁ ବୋଥ୍ରା ଖୁସି ବ୍ୟକ୍ତ କରିଛନ୍ତି ଓ ଏହି ସ୍ୱୀକୃତି ପାଇଁ ସେ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଦୈନିକ ୯ ମିନିଟ୍ ଘଣ୍ଟ ବାଡ଼େଇ ପ୍ରତିବାଦ

**ଭୁବନେଶ୍ୱର,୯।୧୧(ବ୍ୟୁରୋ)**

**ମନ୍ଦିର ଖୋଲିବାକୁ ୧୧ରୁ ଆନ୍ଦୋଳନ**

କରୋନା ଆକ୍ରାନ୍ତ ଏବେ କ୍ରମଶଃ କମିବା ସହ ଜୀବନ ଯାତ୍ରା ସ୍ୱାଭାବିକ ହୋଇଥିବାବେଳେ ଅଦ୍ୟାବଧି ମନ୍ଦିର ଖୋଲାଯାଇ ନାହିଁ। ଫଳରେ ଏହାଉପରେ ନିର୍ଭର କରି ଗୁଜୁରାଣ ମେଣ୍ଟାଉଥିବା ସେବାୟତ, ପୂଜକ ଓ ଅନ୍ୟମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଭକ୍ତମାନେ ମଧ୍ୟ ଦେବଦେବୀଙ୍କ ଦର୍ଶନ କରିବାରୁ ବଞ୍ଚିତ ହେଉଛନ୍ତି। ତେଣୁ ମନ୍ଦିର ଖୋଲିବା ଦାବିରେ ସେବାୟତମାନେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଆସନ୍ତା ୧୧ ତାରିଖରୁ ଦୈନିକ ସକାଳ ୯ରୁ ୯ ମିନିଟ ଯାଏଁ ସବୁ ମନ୍ଦିର ଆଗରେ ସେବାୟତମାନେ ଘଣ୍ଟ ବାଡ଼େଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ଆସନ୍ତା ୨୦ରେ ବିଧାନସଭା ଆଗରେ ବିକ୍ଷୋଭ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି ବୋଲି ରାଜ୍ୟ ମନ୍ଦିର ସେବାୟତ ସଂଘ ସଭାପତି କାମେଶ୍ୱର ତ୍ରିପାଠୀ ସୂଚନା ଦେଇଛନ୍ତି।

ମନ୍ଦିର ଓ ଧର୍ମାନୁଷ୍ଠାନ ଖୋଲିବା ପାଇଁ ବାରମ୍ବାର ନିବେଦନ ଓ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ମଧ୍ୟ ସରକାର ମନ୍ଦିର ଖୋଲୁ ନାହାନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମତେ ଜୁନ ୮ ରୁ ସାରା ଦେଶରେ ଧର୍ମାନୁଷ୍ଠାନ ଖୋଲାଯାଇଥିଲେ ହେଁ ରାଜ୍ୟରେ ଏ ଯାଏ ମନ୍ଦିର ଓ ଧର୍ମାନୁଷ୍ଠାନ ବନ୍ଦ ରହିଛି। ଏନେଇ ସଂଘ ପକ୍ଷରୁ ସଦସ୍ୟମାନେ ଉଚ୍ଚ ନ୍ୟାୟାଳୟକୁ ଯାଇଥିଲେ। କଟକଣା ମଧ୍ୟରେ ମନ୍ଦିର ଖୋଲିବାକୁ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ନେଇ ଅଗଷ୍ଟ ୧୨ରେ ସଂଘର କର୍ମକର୍ତ୍ତା ଦେବୋତ୍ତର ଆୟୁକ୍ତଙ୍କୁ ବି ଭେଟିଥିଲେ। ଅଗଷ୍ଟ ୨୮ରେ ଆଇନମନ୍ତ୍ରୀ ଓ ଦେବୋତ୍ତର ଆୟୁକ୍ତଙ୍କୁ ସାକ୍ଷାତ କରି ୮ ଦଫା ଦାବି ପତ୍ର ଦେବା ସହ ମନ୍ଦିର ଖୋଲିବାକୁ ନିବେଦନ କରିଥିଲେ। ମାତ୍ର ସରକାର ମନ୍ଦିର ଖୋଲିବାକୁ ଅନୁମତି ଦେଲେ ନାହିଁ।

# ଜଳସେଚନ ପାଇଁ ୩ ବର୍ଷରେ ଖର୍ଚ୍ଚ ହେବ ୪୯୭ କୋଟି

**ଭୁବନେଶ୍ୱର,୯।୧୧(ବ୍ୟୁରୋ)**

ଆସନ୍ତା ୩ ବର୍ଷରେ ଜଳସେଚନ ପାଇଁ ରାଜ୍ୟ ସରକାର ୪୯୭ କୋଟି ଟଙ୍କା ଖର୍ଚ୍ଚ କରିବେ। ୨୦୨୦-୨୧ରୁ ୨୦୨୩-୨୪ ମଧ୍ୟରେ ଜଳ ସମ୍ପଦ ବିଭାଗ ୪୯୭ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଏକ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିଛି। ସେଥିରୁ ବିଭାଗ ପକ୍ଷରୁ ୪୨୫.୧୭ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଧାର୍ଯ୍ୟ କରାଯାଇଥିବା ବେଳେ ୭୧.୯୨ କୋଟି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରୁ ଖର୍ଚ୍ଚ କରାଯିବ। ଯଦିଓ କେନ୍ଦ୍ର ସରକାର ୧୯୭୬-୭୭ ରୁ ଜଳସେଚନ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବାକୁ କମାଣ୍ଡ ଏରିଆ ଡେଭଲପମେଣ୍ଟ ଆଣ୍ଡ ୱାଟର ମ୍ୟାନେଜମେଣ୍ଟ ଯୋଜନା ଆରମ୍ଭ କରିଥିଲେ, ତେବେ ଏହି ଯୋଜନାରେ ଓଡ଼ିଶାରେ ମାତ୍ର ୮ଟି ବୃହତ୍ ଓ ମଧ୍ୟମ ଜଳସଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ଯୋଜନାରେ କେନ୍ଦ୍ର ସରକାର କୌଣସି ନୂଆ ପ୍ରକଳ୍ପକୁ ଅନୁମୋଦନ କରୁ ନ ଥିବାରୁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଚଳିତ ରାଜ୍ୟ ସରକାର ୨୦୨୧-୨୨ ବର୍ଷରେ ଏହି ଯୋଜନାରେ ୧୬୩.୫୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ୨୦୨୨-୨୩ରେ ୧୬୨.୨୫ କୋଟି ଏବଂ ୨୦୨୩-୨୪ରେ ୧୪୬.୭୩ କୋଟି ଖର୍ଚ୍ଚ କରିବେ। ପ୍ରଶାସନିକ ସେବା ବାବଦରେ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ।

ଏହି ଯୋଜନାରେ ରାଜ୍ୟ ସରକାର ଜଳସେଚନ ପ୍ରକଳ୍ପଗୁଡ଼ିକର ସମ୍ପ୍ରସାରଣ କରିବା ସହ ଚାଷୀମାନେ ଯେପରି ସମବଣ୍ଟନ ଜଳ ପାଇପାରିବେ ସେ ନେଇ ଯୋଜନା କରାଯିବ। ଉତ୍ତମ ଜଳ ପରିଚାଳନା ଏବଂ ବହୁବିଧ ଫସଲ ପାଇଁ ଚାଷୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ଗୁରୁତ୍ୱ ଦିଆଯିବ। ୧,୩୭ ,୦୦୦ ହେକ୍ଟରରେ କ୍ଷେତ୍ରସ୍ତରୀୟ ଚ୍ୟାନେଲ ସୃଷ୍ଟି କରିବା ସହ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜରିଆରେ ୧୫୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଜମିକୁ ନାଳ ଖୋଳି ପାଣି ନେବା ଲାଗି ସମସ୍ତ କାର୍ଯ୍ୟ ଏମ୍‌ଜିଏନ୍‌ଆରଇଜିଏସ୍ ଜରିଆରେ କରାଯିବ। ଜଳସେଚନ ପ୍ରକଳ୍ପ ପାଇଁ ରାଜ୍ୟ ସରକାର କୌଣସି ଜମି ଅଧିଗ୍ରହଣ କରିବେ ନାହିଁ। ପାଣି ପଞ୍ଚାୟତ ଜରିଆରେ ଜମି ଅଧିଗ୍ରହଣ ହେବ। ପ୍ରକଳ୍ପ ନିର୍ମାଣ ଶେଷ ହେବା ପରେ ତାହାକୁ ଓଡ଼ିଶା ପାଣି ପଞ୍ଚାୟତ ଆଇନ-୨୦୦୨ ଅନୁଯାୟୀ ଉକ୍ତ ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯିବ।

# ରେଳ ଷ୍ଟେଶନରୁ ୨୬ କେଜି ଗଞ୍ଜେଇ ଜବତ

**ଦିଲ୍ଲୀ ଚାଲାଣ କରୁଥିବା ୨ ବଙ୍ଗୀୟ ମହିଳା ଗିରଫ**

**ଭୁବନେଶ୍ୱର,୯।୧୧(ବ୍ୟୁରୋ):** ଭୁବନେଶ୍ୱର ରେଳ ଷ୍ଟେଶନରୁ ଆର୍‌ପିଏଫ୍ ୨୬ କେଜି ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ୨ ବଙ୍ଗୀୟ ମହିଳାଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମ ବଙ୍ଗର ଅନୀତା ଦେବୀ ଓ କମଳା ଦେବୀ। ସୂଚନା ମୁତାବକ, ଭୁବନେଶ୍ୱର ରେଳ ଷ୍ଟେଶନ ଦେଇ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବାରୁ ଷ୍ଟେଶନରେ ଆର୍‌ପିଏଫ୍ ସଜାଗ ରହି ଏହା ଉପରେ ତୀକ୍ଷ୍ଣ ନଜର ରଖିବା ସହ କଡ଼ାକଡ଼ି ଯାଞ୍ଚ କରୁଛି। ଦୁଇ ଅଭିଯୁକ୍ତ ମହିଳା ନୀଳାଚଳ ଏକ୍ସପ୍ରେସ୍‌ରେ ପୁରୀରୁ ନୂଆଦିଲ୍ଲୀ ଯିବା ପାଇଁ ଟିକେଟ କାଟିଥିଲେ। ସୋମବାର ଅପରାହ୍ନ ୩ଟାରେ ସେମାନେ ଭୁବନେଶ୍ୱର ରେଳ ଷ୍ଟେଶନର ୧ନମ୍ବର ପ୍ଲାଟ୍‌ଫର୍ମ ଦେଇ ଭିତରକୁ ଯିବା ପୂର୍ବରୁ ଆର୍‌ପିଏଫ୍ କର୍ମଚାରୀମାନେ ସେମାନଙ୍କ ପାଖରେ ଥିବା ଜିନିଷପତ୍ରକୁ ବ୍ୟାଗେଜ ସ୍କାନରେ ଯାଞ୍ଚ କରିଥିଲେ। ସନ୍ଦେହ ହେବାରୁ ୩ଟି ଟ୍ରଲି ବ୍ୟାଗ୍‌କୁ ଖୋଲି ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା। ଏହି ୨ ଅଭିଯୁକ୍ତ ପୂର୍ବରୁ ଗଞ୍ଜେଇ ଚୋରା ଚାଲାଣ କରି ଜେଲ ଯାଇଥିବା ପଚରାଉଚରା ବେଳେ ଜଣାପଡିଥିଲା।

# ନୟାଗଡ଼ରେ ଦେଶୀ ବନ୍ଧୁକ କାରଖାନା ଠାବ

**କାରିଗର ଗିରଫ, ୫ ବନ୍ଧୁକ ସହ ବିଭିନ୍ନ ସାମଗ୍ରୀ ଜବତ**

**ନୟାଗଡ ଅଫିସ,୯।୧୧**


ଜବତ ବନ୍ଧୁକ ଓ ଗିରଫ ଅଭିଯୁକ୍ତ।

ନୟାଗଡ ସଦର ଥାନା ପୋଲିସ ମାଳିସାହିର ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ ସୋମବାର ଚଢ଼ାଉ କରି ଏହାର କାରିଗର କାବୁଲି ମହରଣା(୪୦)ଙ୍କୁ ଗିରଫ କରିଛି। କାବୁଲିଙ୍କଠାରୁ ୩ଟି ବନ୍ଧୁକ, ୨ଟି ଅର୍ଦ୍ଧ ନିର୍ମିତ ବନ୍ଧୁକ, ୧ ଜୀବନ୍ତ ଗୁଳି, ୧୦୦ ଗ୍ରାମର ୭ ବୋତଲ ଗନ ପାଉଡର, ଡ୍ରିଲ ମେଶିନ୍, ମୋଟର ୧ଟା, ବନ୍ଧୁକ ବ୍ୟାରେଲ ୩୦ ଜବତ କରିଛି। ଏ ନେଇ ନୟାଗଡ ସଦର ଥାନାରେ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ ରାତିରେ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି। ୨୦୧୯ରେ କାବୁଲି ବନ୍ଧୁକ ତିଆରି କରି ଗିରଫ ହୋଇଥିଲେ। ଏବେ ପୁଣି ଗିରଫ ହୋଇଛନ୍ତି। ନୟାଗଡ ଏସ୍‌ଡିପିଓଙ୍କ ନେତୃତ୍ୱରେ ନୟାଗଡ ସଦର ଓ ଟାଉନ ଥାନା ଆଇଆଇସିଙ୍କ ସମେତ ଅନ୍ୟ ପୋଲିସ କାବୁଲିଙ୍କୁ ନିଜ ହେପାଜତକୁ ନେଇଥିଲେ। ତାଙ୍କୁ ଏହି କାର୍ଯ୍ୟରେ କିଏ ସହଯୋଗ କରୁଥିଲେ ତାହା ଜଣାପଡିନି। ତେବେ ତଦନ୍ତ ଜାରି ରହିଛି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ ଏସ୍‌ଡିପିଓ ନିରଞ୍ଜନ ପାଢୀ ଓ ଆଇଆଇସି ରିନାରାଣୀ ସାହୁ ଉପସ୍ଥିତ ଥିଲେ।

